# ୩୦ ଲକ୍ଷ ଋଣ ଠକେଇ ଘଟଣା
# ପୂର୍ବତନ ଡିସିସି ବ୍ୟାଙ୍କ ପରିଚାଳକ ଗିରଫ

ନୟାଗଡ଼,୧୯ ।୨(ସମିସ)



ନୟାଗଡ଼ ଜିଲ୍ଲା ଦୁର୍ଗାପ୍ରସାଦସ୍ଥିତ ଡିସିସି ବ୍ୟାଙ୍କର ପୂର୍ବତନ ପରିଚାଳକ ହିମାଂଶୁ ଶେଖର ସ୍ୱାଇଁଙ୍କୁ ନୟାଗଡ଼ ପୁଲିସ ଗିରଫ କରିଛି। ନୟାଗଡ଼ର ଯୁବ ବ୍ୟବସାୟୀ ଶୁଭ୍ରାଂଶୁ ଶେଖର ପୃଷ୍ଟିଙ୍କୁ ଋଣ କରାଇଦେଇ ସେ ୩୦ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ରହିଥିଲା। ଏ ନେଇ ନୟାଗଡ଼ ଟାଉନଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଦୀର୍ଘଦିନ ଧରି ହିମାଂଶୁ ଅନ୍ତରୀଣ ଜାମିନ ପାଇ ଅନ୍ୟ ଏକ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଉଚ୍ଚ ନ୍ୟାୟାଳୟ ତାଙ୍କ ଅନ୍ତରୀଣ ଜାମିନକୁ ରଦ୍ଦ କରିବା ପରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ଶୁଭ୍ରାଂଶୁଙ୍କ ମେସର୍ସ ଅନ୍ନପୂର୍ଣ୍ଣା ଡିଷ୍ଟ୍ରିବ୍ୟୁଟର୍ ନାମକ ସଂସ୍ଥା ରହିଛି। ଶୁଭ୍ରାଂଶୁ ତାଙ୍କ ବ୍ୟବସାୟ ପାଇଁ ଦୁର୍ଗାପ୍ରସାଦରେ ଥିବା ଡିସିସି ବ୍ୟାଙ୍କ ସହ ଯୋଗାଯୋଗ କରି ୨୦୧୬ରେ ୪୭ ଲକ୍ଷ ୭୪ ହଜାର ୮୩୭ ଟଙ୍କା ସିସିଋଣ କରିଥିଲେ। ଏହାର ଠିକ ଦେଣନେଣ କରିଥିବାରୁ ବ୍ୟାଙ୍କ ଏହାକୁ ୬୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ତେବେ ୨୦୨୦ରେ କରୋନା ମହାମାରୀ ଆସିବାରୁ ବ୍ୟବସାୟ ମାନ୍ଦା ହୋଇଥିଲା। ବ୍ୟବସାୟ କ୍ଷତିରେ ଚାଲୁଥିବାରୁ ଋଣ ପରିଶୋଧ ନେଇ ଶୁଭ୍ରାଂଶୁ ଚିନ୍ତାରେ ପଡ଼ିଥିଲେ। ଏପରିକି ଶୁଭ୍ରାଂଶୁ ଏକ ଜାଗା ମଧ୍ୟ ବିକ୍ରି କରିଥିଲେ। ଏ ବାବଦ ଅର୍ଥକୁ ଶୁଭ୍ରାଂଶୁ ବିଭିନ୍ନ ସମୟରେ ତାଙ୍କ ସ୍ତ୍ରୀ ସୋମାରାଣୀ ପାତ୍ରଙ୍କ ଆକାଉଣ୍ଟରେ ଜମା କରିଥିଲେ। ଏହି ଟଙ୍କାକୁ ବ୍ୟାଙ୍କ ଶାଖା ପରିଚାଳକ ସ୍ୱାଇଁ ତାଙ୍କ ଋଣ ଆକାଉଣ୍ଟରେ ଜମା କରିବାକୁ ପରାମର୍ଶ ଦେଇଥିଲେ। ପରେ ଶୁଭ୍ରାଂଶୁଙ୍କ ବିନା ଅନୁମତିରେ ଏହି ଟଙ୍କାକୁ ଫିକ୍ସ ଡିପୋଜିଟ୍ କରାଇ ଦେଇଥିଲେ। ଦୁଇଦିନ ପରେ ଏହି ଟଙ୍କାକୁ ପୁଣି ଋଣ ଆକାଉଣ୍ଟକୁ ପଠାଇ ଦେଇଥିଲେ। ଏହାର କିଛିଦିନ ପରେ ଶୁଭ୍ରାଂଶୁ ଅଢ଼େଇ ଲକ୍ଷର ୪ଟି ଚେକ୍ ଓ ୨୨,୨୮,୭୬୦ ଟଙ୍କା ତାଙ୍କ ସ୍ତ୍ରୀ ସୋମାରାଣୀ ପାତ୍ରଙ୍କ ଆକାଉଣ୍ଟରେ ଜମା କରିବାକୁ ହିମାଂଶୁଙ୍କୁ ଦେଇଥିଲେ। ହିମାଂଶୁଙ୍କୁ ବିଶ୍ୱାସ କରି ଶୁଭ୍ରାଂଶୁ ତାଙ୍କ ସହ ଟଙ୍କା ଦେଣନେଣ କରୁଥିଲେ। ମାତ୍ର ପରବର୍ତ୍ତୀ ସମୟରେ ହିମାଂଶୁ ୩୦ ଲକ୍ଷ ଟଙ୍କା ଠକେଇ କରିଥିବା ଜଣାପଡ଼ିଥିଲା। ଏ ନେଇ ସେ ନୟାଗଡ଼ ଟାଉନଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରିବା ସମୟରେ ସମସ୍ତ ଘୋଟାଲା ଜଣାପଡ଼ିଥିଲା।

ଏହାକୁ ନେଇ ଶୁଭ୍ରାଂଶୁ ଆରବିଆଇ ଓ ବ୍ୟାଙ୍କ ଅମ୍ବୁଡ୍ସମ୍ୟାନଙ୍କ ନିକଟରେ ଅଭିଯୋଗ କରିଥିଲେ। ଟାଉନଥାନାରେ ମାମଲା ହେବା ଜାଣିବା ପରେ ହିମାଂଶୁ ଅନ୍ତରୀଣ ଜାମିନ ପାଇ ବାଲିଗୁଡ଼ା ବନ୍ଧନ ବ୍ୟାଙ୍କ ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ଉଚ୍ଚ ନ୍ୟାୟାଳୟ ଅନ୍ତରୀଣ ଜାମିନ ରଦ୍ଦ କରିବା ପରେ ପୁଲିସ ତାଙ୍କୁ ଗିରଫ କରିଛି। ହିମାଂଶୁ ନୟାଗଡ଼ ସହର ଶିବାଜୀନଗର ବାସିନ୍ଦା ଛାଟିଆ ସ୍ୱାଇଁଙ୍କ ପୁଅ ବୋଲି ସୂଚନା ମିଳିଛି। ହିମାଂଶୁଙ୍କୁ ଗିରଫ କରାଯିବା ପରେ ନ୍ୟାୟର ବିଜୟ ହୋଇଛି ବୋଲି ଶୁଭ୍ରାଂଶୁ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ନୟାଗଡ଼ ପୁଲିସକୁ ଧନ୍ୟବାଦ ଦେବା ସହ ବ୍ୟାଙ୍କ ତାଙ୍କ ଋଣ ଟଙ୍କା ଛାଡ଼ କରିବାକୁ ଦାବି କରିଛନ୍ତି।

### ଅନେକ ଲୋକ ଠକେଇର ଶିକାର

ଦୁର୍ଗାପ୍ରସାଦ ଡିସିସି ବ୍ୟାଙ୍କ ପୂର୍ବତନ ପରିଚାଳକ ହିମାଂଶୁ ଶେଖର ସ୍ୱାଇଁ ବହୁ ଲୋକଙ୍କୁ ଠକେଇ କରିଥିବା ଅଭିଯୋଗ ହୋଇଛି। ଗୋଡ଼ିପଡ଼ା ନିକଟ ଡମସାହିର ତୋଫାନ ସିଂଙ୍କ ୮ ଲକ୍ଷ ୫୦ ହଜାର ଟଙ୍କା ଋଣ କରେଇ ୫ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଛନ୍ତି। ଏନେଇ ତୋଫାନ ପୂର୍ବରୁ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏବେ ପୁଣି ଉକ୍ତ ମାମଲାର ପୁନଃ ତଦନ୍ତ ପାଇଁ ଆବେଦନ କରିଥିବା ସୂଚନା ଦେଇଛନ୍ତି।

## ଛାତ୍ରଙ୍କୁ ମାଡ଼ ମାରିଲେ ଅଧ୍ୟାପକ

● ବିବାଦ ପରେ ଥାନାରେ ଆପୋସ ସମାଧାନ

ନୟାଗଡ଼,୧୯ ।୨(ସମିସ): ନୂଆଗାଁ ବ୍ଲକ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ଅଧ୍ୟାପକ ମାଡ଼ ମାରିବା ଘଟଣାକୁ ନେଇ ବିବାଦ ଦେଖାଯାଇଛି। ପୀଡ଼ିତ ଛାତ୍ର ପରିବାରକୁ ଜଣାଇବା ପରେ ପରିବାର ପକ୍ଷରୁ ନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା।

ପୁଲିସ ଘଟଣାରେ ହସ୍ତକ୍ଷେପ କରିବା ପରେ ଉଭୟ ଅଧ୍ୟାପକ ଓ ଛାତ୍ରଙ୍କ ଅଭିଭାବକଙ୍କୁ ଡାକି ଆପୋସ ସମାଧାନ ହୋଇଛି। ନୂଆଗାଁରେ କୋଚିଂ ସେଣ୍ଟରକୁ ନେଇ ବାରମ୍ବାର ବିବାଦୀୟ ଘଟଣା ଘଟୁଛି। ଦୁଇ ଗୋଷ୍ଠୀ ପରସ୍ପର ବିରୋଧ ପାଇଁ ସବୁବେଳ ତତ୍ପର ହେଉଥିବା ବେଳେ ଏହାର କୁପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି।

## ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ




କଣ୍ଟିଲୋ,୧୯ ।୨(ସମିସ): ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟରେ ଚାଲିଥିବା ଆଠ ଦିନିଆ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଗୁରୁବାର ଉଦଯାପିତ ହୋଇଛି।

ଉଦଯାପନୀ ସଭାରେ କଲେଜ ଅଧକ୍ଷା ଡ. ନନ୍ଦିତା ବାରିକ ସଭାପତିତ୍ୱ କରି ତାଲିମପ୍ରାପ୍ତ ଛାତ୍ରୀଙ୍କୁ ଉଦବୋଧନ ଦେବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅତିଥି ଭାବେ ପ୍ରାଧ୍ୟାପକ ସୁଜଳ କୁମାର ମହାରଣା, ସୁମନ୍ତକୁମାର ଜେନା, ହୃଷୀକେଶ ମିଶ୍ର, ଅକ୍ଷୟ କୁମାର ସାହୁ, ସାମ୍ବାଦିକ ପ୍ରଭାକର ଶିରୋମଣି ଓ ସରୋଜ କୁମାର ମିଶ୍ର ଯୋଗଦେଇଥିଲେ। ଅଧ୍ୟାପିକା ରଶ୍ମିତା ସାହୁ ସଭା ପରିଚାଳନା କରିଥିଲା ବେଳେ ପ୍ରଶିକ୍ଷିକା ଶୁଭଶ୍ରୀ ସାହୁ ତାଲିମ ପ୍ରଦାନ କରିଥିଲେ। କଲେଜ କୋଷାଧ୍ୟକ ସୁନୀଲ କୁମାର ମିଶ୍ର, ଅଧ୍ୟାପକ ରାଧାକାନ୍ତ ସାହୁ, ଅଧ୍ୟାପିକା ନମିତା ସାହୁ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅଧ୍ୟାପକ ମାନଗୋବିନ୍ଦ ରାଉତ କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୯୦ ଛାତ୍ରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

■ ଜାହାଜରେ ଓଡ଼ିଆ ନାବିକଙ୍କ ହୃଦଘାତରେ ମୃତ୍ୟୁ ଘଟଣା

## ୧୦ ଦିନ ବିତିଲା; ଫେରିପାରିଲାନି ମରଶରୀର

ଓଡ଼ଗାଁ,୧୯ ।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଲକ୍ଷ୍ମୀବଜାର ଅଞ୍ଚଳର ନାବିକ ପୂର୍ଣ୍ଣଚନ୍ଦ୍ର ପାତ୍ର (୫୬)ଙ୍କର ଜାହାଜରେ ହୃଦଘାତରେ ମୃତ୍ୟୁ ହୋଇଥିଲା। ସେ ଗତ ୫ ତାରିଖ ଭୁବନେଶ୍ୱରରୁ କୋଲକାତା ହୋଇ ସିଙ୍ଗାପୁର ଯାଇ 'ଡାଇନାକମ୍ ଟ୍ୟାଙ୍କର୍ସ କମ୍ପାନୀ'ର ଜାହାଜର କାର୍ଯ୍ୟରେ ଯୋଗଦେଇ ମାଲେସିଆ ଅଭିମୁଖେ ଯାଉଥିଲେ। ୧୨ ତାରିଖ ଲେଖାଥିବା ବ୍ୟବଚ୍ଛେଦ ରିପୋର୍ଟ ପରିବାର ଲୋକଙ୍କ ହସ୍ତଗତ ହୋଇଛି। ତେବେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁକୁ ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ମରଶରୀର ଓଡ଼ିଶାରେ ପହଞ୍ଚି ନ ଥିବାରୁ ପରିବାର ଓ ଆତ୍ମୀୟ ସ୍ୱଜନ ଚିନ୍ତା ଓ ସନ୍ଦେହ ପ୍ରକାଶ କରିଛନ୍ତି। ପ୍ରଶାସନର ସକ୍ରିୟ ହସ୍ତକ୍ଷେପ ହେଲେ



ପୂର୍ଣ୍ଣଚନ୍ଦ୍ରଙ୍କ ମରଶରୀର ଶୀଘ୍ର ଓଡ଼ିଶାକୁ ଆସିପାରିବ ବୋଲି ପରିବାର ଲୋକେ ଆଶା ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ଣ୍ଣଚନ୍ଦ୍ର ଓଡ଼ଗାଁ ରଘୁନାଥ ବିଦ୍ୟାପୀଠର ୧୯୮୫ ମାଟ୍ରିକ ବ୍ୟାଚ ଛାତ୍ର ଥିଲେ। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

● ଜୁଆଆଡ୍ଡାରେ ଚଢ଼ଉ

## ଅଧ୍ୟାପକ ସମେତ ୫ ଗିରଫ



ନୟାଗଡ଼,୧୯ ।୨(ସମିସ): ନୟାଗଡ଼ ସଦର ଥାନା ପୁଲିସ ଗୁରୁବାର ହିଞ୍ଜୀଳଗାଡ଼ିଆ ନିକଟ କାଜୁ ଜଙ୍ଗଲରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଗରବନ୍ଧ ଗାଁର ରାଜୀବ ପ୍ରଧାନ, ପୁରୀ କୃଷ୍ଣପ୍ରସାଦର ଦିଲୀପ କୁମାର ନାୟକ, ହିଞ୍ଜୀଳଗାଡ଼ିଆର ଧ୍ରୁବ ବରାଡ଼, ସିନ୍ଦୂରିଆର ତଇବୁଦ୍ଦିନ ମଲିକ ଓ ବଡ଼ିଆସାହିର କୁନା ସ୍ୱାଇଁ। ଅଭିଯୁକ୍ତ ଦିଲୀପ ସ୍ଥାନୀୟ ଇଟାମାଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ବୋଲି ଜଣାପଡ଼ିଛି। ଏମାନଙ୍କ ନିକଟରୁ ପୁଲିସ ୪୬,୨୭୦ ଟଙ୍କା ସହ ୫ଟି ବାଇକ୍ ଓ ୩ଟି ମୋବାଇଲ ଫୋନ୍ ଜବତ କରିଛି। ନୟାଗଡ଼ ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ନିର୍ଦ୍ଦେଶରେ ସଦର ଥାନା ଇନ୍ସପେକ୍ଟର ପ୍ରିୟତମା ପ୍ରଧାନଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା। ଏହି କାଜୁ ଜଙ୍ଗଲରେ ଦୀର୍ଘଦିନ ଧରି ଜୁଆ ଆଡ୍ଡା ଚାଲିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସନ୍ଧ୍ୟାରେ ପୁଲିସ ସେଠାରେ ଚଢ଼ଉ କରିଥିଲା। ୫ ଜଣ ଅଭିଯୁକ୍ତ ଧରାପଡ଼ିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଫେରାର ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

## ବାହାଡ଼ାଝୋଲାକୁ ବ୍ଲକ ମାନ୍ୟତା ଦାବି

● ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସ୍ମାରକପତ୍ର



ଓଡ଼ଗାଁ,୧୯ ।୨(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଓଡ଼ଗାଁ ଥାନା ବାହାଡ଼ାଝୋଲାକୁ ବ୍ଲକ ମାନ୍ୟତା ଦାବି ହୋଇଆସୁଥିବା ବେଳେ ଏହି ପରିପ୍ରେକ୍ଷୀରେ ଗୁରୁବାର ବ୍ଲକ୍ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ତାଙ୍କ କ୍ୱାର୍ଟର୍ସରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବାହାଡ଼ାଝୋଲା ଅଞ୍ଚଳର ଜନସଂଖ୍ୟା, ଭୌଗୋଳିକ ଗୁରୁତ୍ୱ ଓ ଉନ୍ନୟନ ଆବଶ୍ୟକତାକୁ ଉଲ୍ଲେଖ କରି ସ୍ୱତନ୍ତ୍ର ପ୍ରଶାସନିକ ବ୍ଲକ ମାନ୍ୟତା ଦେବା ନିହାତି ଆବଶ୍ୟକ ବୋଲି ଦାବି ଉପସ୍ଥାପନ କରିଛନ୍ତି।

ପ୍ରତିନିଧି ଦଳରେ କ୍ରିୟାନୁଷ୍ଠାନ କମିଟି ସଭାପତି ନାରାୟଣ ବେହେରା, ଇଂ ପ୍ରଶାନ୍ତ କୁମାର ସାହୁ, ଇଂ ସୁଶାନ୍ତ କୁମାର ସାହୁ ଓ ପ୍ରହଲ୍ଲାଦ ସାହୁ ସାମିଲ ଥିଲେ। ମନ୍ତ୍ରୀ ନାୟକ ପ୍ରତିନିଧି ଦଳର ଦାବି ଶୁଣିବା ସହ ସକାରାତ୍ମକ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିବା କମିଟି ସଦସ୍ୟ କହିଛନ୍ତି।

## ୨୨ରୁ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡ଼ା,୧୯ ।୨(ସମିସ): ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମରେ ଆସନ୍ତା ୨୨ ତାରିଖରୁ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଉଦଘାଟନୀ ମ୍ୟାଚ ଭଞ୍ଜନଗର ମା' ଭୈରବକାଳୀ ଦଳ ଓ କଟକ ବିଡ଼ାନାସୀ ଫୁଟବଲ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ। ୨୩ ତାରିଖ ଘାଟିକିଆ ବଜରଙ୍ଗୀ କ୍ଲବ ଓ ଢେଙ୍କାନାଳ ପପୁଲାର କ୍ଲବ ମଧ୍ୟରେ ୨ୟ ମ୍ୟାଚ ଅନୁଷ୍ଠିତ ହେବ। ୨୪ରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଓ କଟକ ବାପୁଜୀ କ୍ଲବ, ୨୫ରେ ଜଟଣୀ ଫ୍ରେଣ୍ଡସ ପାରାଡାଇଜ ଓ ବୌଦ୍ଧ ରକି ସ୍ପୋର୍ଟିଂ ମଧ୍ୟରେ ଶେଷ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ୨୬ ଓ ୨୭ରେ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୨୮ ତାରିଖ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ କଟକ ଓ ଭୁବନେଶ୍ୱର ଦଳକୁ ନେଇ ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ। ମାର୍ଚ୍ଚ ୧ ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ମୁଖ୍ୟ କ୍ରୀଡ଼ାବିତ ଭିକାରୀ ଖଣ୍ଡାୟତ ସୂଚନା ଦେଇଛନ୍ତି।

## ମାଟ୍ରିକ ପରୀକ୍ଷା ଆରମ୍ଭ ପ୍ରଥମ ଦିନରେ ୨୨୪ ଅନୁପସ୍ଥିତ



ନୟାଗଡ଼,୧୯ ।୨(ସମିସ): ସାରା ରାଜ୍ୟରେ ଗୁରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ନୟାଗଡ଼ ଜିଲ୍ଲାରେ ୧୨ ହଜାର ୫୯୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଦିନ ସାହିତ୍ୟ ପରୀକ୍ଷାରେ ୧୨୩୬୯ ଜଣ ଉପସ୍ଥିତ ଥିବା ବେଳେ ୨୨୪ ଜଣ ଅନୁପସ୍ଥିତ ରହିଛନ୍ତି।

ଏଏଚଏସସି ପରୀକ୍ଷାରେ ୧୨୨୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭୪ ଜଣ ଅନୁପସ୍ଥିତ ଥିବା ଏବଂ ଏସଓଏସସି ପରୀକ୍ଷାରେ ୫୦ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ସହ ପରୀକ୍ଷା କରାଯିବାକୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କପି ରୋକିବା ପାଇଁ ଦୁଇଟି ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରଥମ ଗୋଟିଏ ଟିମ୍‌ରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଏବଂ ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁ ରହିଛନ୍ତି। ଦ୍ୱିତୀୟ ଟିମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ରାଉତ, ବନଲତା ବେହେରା ପ୍ରମୁଖ ରହିଛନ୍ତି। ଏହି ସ୍କ୍ୱାଡ୍ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିଥିଲେ।

## ୨୯ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ

ଭାପୁର,୧୯ ।୨(ସମିସ): ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ଭାପୁର ବ୍ଲକର ୮ ପରୀକ୍ଷା କେନ୍ଦ୍ରରେ ୨୯ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ଫତେଗଡ଼ ନୋଡାଲ କେନ୍ଦ୍ର ଅଧୀନରେ ଭାପୁର, ଫତେଗଡ଼, କରବର, ପଦ୍ମାବତୀ, ଗୋଲାପୋଖରୀ ଓ ଜାମୁସାହି ପରୀକ୍ଷା କେନ୍ଦ୍ର ଥିବା ବେଳେ ଖଣ୍ଡପଡ଼ା ରାମଚନ୍ଦ୍ର ହାଇସ୍କୁଲ ନୋଡାଲ କେନ୍ଦ୍ର ଅଧୀନରେ ଭାପୁର ବ୍ଲକର ବାଇଗୁଣିଆ ଓ ବଳଦିଆନୂଆଗାଁ ପରୀକ୍ଷା କେନ୍ଦ୍ର ରହିଛି। ଏହି ୮ କେନ୍ଦ୍ରରେ ମୋଟ ୧୨୫୫ ଜଣ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିବା ବେଳେ ୧୨୨୪ ଜଣ ପରୀକ୍ଷା ଦେଇଛନ୍ତି। ଭାପୁର କେନ୍ଦ୍ରରେ ୨, ଫତେଗଡ଼ କେନ୍ଦ୍ରରେ ୨, ପଦ୍ମାବତୀ କେନ୍ଦ୍ରରେ ୧୬, ଜାମୁସାହି କେନ୍ଦ୍ରରେ ଜଣେ, ଗୋଲାପୋଖରୀ କେନ୍ଦ୍ରରେ ଜଣେ, ବାଇଗୁଣିଆ କେନ୍ଦ୍ରରେ ୨ ଜଣ ଓ ବଳଦିଆନୂଆଗାଁ କେନ୍ଦ୍ରରେ ୫ ଜଣ ଅନୁପସ୍ଥିତ ରହିଥିବା ବେଳେ କରବର କେନ୍ଦ୍ରରେ ଶତ ପ୍ରତିଶତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଶିକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି।

## ମାଟ୍ରିକ ପରୀକ୍ଷା ଦେଲେ ୨୩୫୪ ଛାତ୍ରଛାତ୍ରୀ

ରଣପୁର,୧୯ ।୨(ସମିସ): ଗୁରୁବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ରଣପୁର ବ୍ଲକରେ ୪୧ ହାଇସ୍କୁଲ ଥିବା ବେଳେ ୧୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି।

ଏହି ପରୀକ୍ଷା କେନ୍ଦ୍ରଗୁଡ଼ିକରେ ୨୩୯୫ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିବା ବେଳେ ପ୍ରଥମ ଦିନରେ ସେମାନଙ୍କ ମଧ୍ୟରୁ ୨୩୫୪ ଜଣ ପରୀକ୍ଷା ଦେଇଛନ୍ତି। ୪୧ ଜଣ ଅନୁପସ୍ଥିତ ଥିବା ବିଇଓ ପିଣ୍ଟୁ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି।

## ୩ କେନ୍ଦ୍ରରେ ପରୀକ୍ଷା ଦେଲେ ୪୨୦ ଜଣ

ଗଣିଆ,୧୯ ।୨(ସମିସ): ଗଣିଆ ବ୍ଲକର ୩ ପରୀକ୍ଷା କେନ୍ଦ୍ରରେ ୪୨୫ ଜଣ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିବା ବେଳେ ୪୨୦ ଜଣ ପରୀକ୍ଷା ଦେଇଛନ୍ତି। ୫ ଜଣ ଅନୁପସ୍ଥିତ ରହିଛନ୍ତି। କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ କେନ୍ଦ୍ରରେ ୧୩୯ରୁ ୧୩୬ ଜଣ, ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାପୀଠ କେନ୍ଦ୍ରରେ ୧୧୩ରୁ ୧୧୨ ଜଣ, ଆଡ଼କଟା କେନ୍ଦ୍ରରେ ୧୭୩ରୁ ୧୭୨ ଜଣ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଶେଷ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ପରୀକ୍ଷା କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିଥିଲେ। ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଶାନ୍ତିଶୃଙ୍ଖଳା ତଦାରଖ କରିଥିଲେ। ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିଛି।

## ୧୧ କେନ୍ଦ୍ରରେ ପରୀକ୍ଷା; ୨୧ ଜଣ ଅନୁପସ୍ଥିତ

ଖଣ୍ଡପଡ଼ା,୧୯ ।୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଖଣ୍ଡପଡ଼ା ବ୍ଲକ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନ ୧୧ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୫୬୯ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ବ୍ୟବସ୍ଥା ହୋଇଥିବା ବେଳେ ପ୍ରଥମ ଦିନ ୧୫୪୮ ଜଣ ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି। ବିଭିନ୍ନ କେନ୍ଦ୍ରରେ ୨୧ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। କୋସକା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଓ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୩ ଜଣ ଲେଖାଁଏ, ରାମଚଣ୍ଡି ଉଚ୍ଚ ବିଦ୍ୟାଳୟରେ ୪ ଜଣ, ସିଧାମୂଳା ଓ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟିଲୋ କେନ୍ଦ୍ରରେ ଜଣେ ଲେଖାଁଏ, ବଳଦିଆ ନୂଆଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେହିପରି ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ଓ ବାଇଗୁଣିଆ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ ଜଣ ଲେଖାଁଏ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ନୋଡାଲ କେନ୍ଦ୍ର ସୁପରିନଟେଣ୍ଡେଣ୍ଟ ତଥା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲିପସା ନନ୍ଦ ସୂଚନା ଦେଇଛନ୍ତି। ସ୍ଥାନୀୟ ପ୍ରଶାସନ ଓ ପୁଲିସ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରଥମ ଦିବସ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି।



## ମିଳୁନି ଉପଯୁକ୍ତ ପାରିଶ୍ରମିକ
# ବାଉଁଶ ଉପକରଣର ସ୍ଥାନ ନେଉଛି ପ୍ଲାଷ୍ଟିକ୍

ଗଣିଆ,୧୯ ।୨(ସମିସ)



ପରିବର୍ତ୍ତନ ସହ ତାଳଦେଇ ଉଭୟ ଗ୍ରାମ ଓ ସହରାଞ୍ଚଳରେ ଦିନକୁ ଦିନ ବାଉଁଶ ତିଆରି ଉପକରଣର ଚାହିଦା କମିବାରେ ଲାଗିଛି। ବଜାରରେ ବାଉଁଶ ଉପକରଣ ବଦଳରେ ଆଲୁମିନିୟମ, ଷ୍ଟିଲ, ପ୍ଲାଷ୍ଟିକ ଓ ପଲିଥିନ୍ ତିଆରି ସାମଗ୍ରୀ ସ୍ଥାନ ନେଉଛି। ଫଳରେ କେତେକ ସମ୍ପ୍ରଦାୟ କୌଳିକ ତଥା ପରମ୍ପରାଗତ ବୃତ୍ତିରୁ ଦୂରେଇଯାଇ ଅନ୍ୟ ବୃତ୍ତି ଆପଣେଇ ନେଉଛନ୍ତି। ଆଉ କେତେକ ପରମ୍ପରାଗତ ବୃତ୍ତି ଛାଡ଼ି ନ ପାରି ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଅନ୍ୟପକ୍ଷେ ଗ୍ରାମ ନିକଟ ଜଙ୍ଗଲଗୁଡ଼ିକରେ ବାଉଁଶ ଅଭାବ ଓ ବଜାର ଚାହିଦା କମିବା ଯୋଗୁଁ ଏହି କାରିଗରମାନଙ୍କ ଜୀବନଜୀବିକା ଦୁର୍ବିସହ ହେବାକୁ ବସିଲାଣି। ଗଣିଆ ବ୍ଲକ ଛାମୁଣ୍ଡିଆ, ଛାଡ଼ମୂଳ, ଗଣିଆ, କୃଷ୍ଣପଲ୍ଲୀ ଗ୍ରାମର ଅନୁସୂଚିତ ଜାତି ଲୋକଙ୍କ ପାଇଁ ଏହି ବୃତ୍ତି ବଞ୍ଚାଇ ରଖିବା ଏବେ ମୁଖ୍ୟ ସମସ୍ୟା ହୋଇଛି।

ଛାମୁଣ୍ଡିଆରେ ଏହି ସମ୍ପ୍ରଦାୟର ୩୨ ପରିବାରର ୧୭୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ପୁରୁଷାନୁକ୍ରମେ ଏମାନେ ବାଉଁଶରେ ଟୋକେଇ, ପାଛିଆ, ଝୁଡ଼ି, କୁଲା, ଝାମ୍ପି, ଫୁଲ ଚାଙ୍ଗୁଡି, ଝାଡୁ, ଖଡ଼ିକା, ପାନଝୁଡ଼ି, ଭୋଗେଇ, ଡାଲା, ଗଉଣି ଆଦି ଗୃହ ଉପକରଣ ତିଆରି କରିଆସୁଛନ୍ତି। ଉଭୟ ମହିଳା ଓ ପୁରୁଷମାନେ ଏହି ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ପରେ ଏହାକୁ ପୁରୁଷମାନେ ନିକଟସ୍ଥ ହାଟବଜାରକୁ ନେଇ ବିକ୍ରି କରିଥାନ୍ତି। ତେବେ କଞ୍ଚାମାଲ ସଂଗ୍ରହ, ସାମଗ୍ରୀ ପ୍ରସ୍ତୁତି ଓ ଜିନିଷ ବିକ୍ରି ପରିଶ୍ରମ ତୁଳନାରେ ସେମାନେ ଉପଯୁକ୍ତ ମୂଲ୍ୟ ପାଇ ନ ଥାନ୍ତି। ବଜାରରେ ପଲିଥିନ, ପ୍ଲାଷ୍ଟିକ ଓ ଷ୍ଟିଲ ତିଆରି ସାମଗ୍ରୀର ବହୁଳ ପ୍ରଚଳନ ଯୋଗୁଁ ସେମାନଙ୍କ ବୃତ୍ତି ବିପଦରେ ପଡ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳରେ ଥିବା ଜଙ୍ଗଲଗୁଡ଼ିକରେ ପୂର୍ବଭଳି ପ୍ରଚୁର ପରିମାଣରେ ବାଉଁଶ ଗଛ ଆଉ ଦେଖିବାକୁ ମିଳୁନି। ଫଳରେ ବିଭିନ୍ନ ଗ୍ରାମବାସୀ ପାଳି କରି ଜଙ୍ଗଲ ଜଗୁଥିବାରୁ ଅଧିକାଂଶ ସମୟରେ କାରିଗରମାନେ ଅଞ୍ଚଳ ବାହାରୁ ସ୍ୱଳ୍ପ ପରିମାଣର ବାଉଁଶକୁ ଅଧିକ ଦାମ୍ ଦେଇ କିଣୁଛନ୍ତି। ସାମଗ୍ରୀ ତିଆରି ପରେ ମଧ୍ୟ ତାହାକୁ ଅଧିକ ଦରରେ ବିକ୍ରି କରିବା ସମ୍ଭବ ହେଉନାହିଁ। ସ୍ୱଳ୍ପ ରୋଜଗାରରେ ଆଜିର ବ୍ୟୟବହୁଳ ସମାଜରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି ବାଉଁଶ କାରିଗର ଦିଲୀପ ନାୟକ। ପୂର୍ବରୁ ଓଡ଼ିଆ ପରମ୍ପରାରେ ବିବାହ ତଥା ଅନ୍ୟ ପୂଜା ପାର୍ବଣରେ ଆମେ ତିଆରି କରୁଥିବା ବାଉଁଶ ସାମଗ୍ରୀର ବହୁତ ଚାହିଦା ରହୁଥିଲା। ନୂଆ ବୋହୂଟିଏ ତା' ଶାଶୂଘରକୁ ଯିବା ସମୟରେ ବାପଘର ତରଫରୁ ଅନ୍ୟ ଜିନିଷ ସହ ବାଉଁଶ ତିଆରି ବିଭିନ୍ନ ସାମଗ୍ରୀ ଦିଆଯାଉଥିଲା। ଏବେ କିନ୍ତୁ ଏସବୁ ଖୁବ୍ କମ୍ ସ୍ଥାନରେ ଦେଖିବାକୁ ମିଳୁଛି ବୋଲି ସେ କହିଛନ୍ତି। ତେବେ ସରକାରଙ୍କ ତରଫରୁ ନୂତନ ବାଉଁଶ ଜଙ୍ଗଲ ସୃଷ୍ଟି ପାଇଁ ବାଉଁଶଚାରା, ଆର୍ଥିକ ସହାୟତା ପ୍ରଦାନ ସହ କୁଟୀରଶିଳ୍ପ କରାଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଗଲେ ବୁଡ଼ିଯାଉଥିବା ଏହି ବୃତ୍ତିକୁ ବଞ୍ଚାଇ ବହୁ ବାଉଁଶ କାରିଗରଙ୍କ ପରିବାର ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ବୃତ୍ତି ହରାଇବେ କାରିଗର

